# ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା -୦୫ (ଓଡ଼ିଆ ବୁଲେଟିନ୍) ସପ୍ତାହ - ୦୩ ତାରିଖ: ୧୬.୦୧.୨୦୨୪

## ବୌଦ୍ଧ

ଭାରତ ପାଣିପାଗ ବିଜ୍ଞାନ ବିଭାଗ,ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ବର ଅନୁଯାୟୀ ଆସନ୍ତା ସପ୍ତାହର ପ୍ରଥମ ୨ ରୁ ୩ ଦିନ ମଧ୍ୟରେ କିଛି ସ୍ଥାନରେ ଅତି ସ୍ବଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି ଏବଂ ଏହି ଅବଧି ମଧ୍ୟରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବାର ପୂର୍ବାନୁମାନ ଅଛି ଏବଂ ପରବର୍ତ୍ତୀ ଦିନ ଗୁଡାକରେ ପାଗ ମୁଖ୍ୟତଃ ଶୁଷ୍କ ରହିପାରେ । ଆସନ୍ତା ୫ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୨୯ ରୁ ୩୧ ଡିଗ୍ରୀ ସେଣ୍ଟିଗ୍ରେଡ ଓ ସର୍ବନିମ୍ନ ତାପମାତ୍ରା ୧୫ ରୁ ୧୭ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ରହିବାର ସମ୍ଭାବନା ରହିଅଛି। ଆସନ୍ତା ସପ୍ତାହରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୮୨% ରୁ ୯୫% ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୨୭% ରୁ ୪୪% ମଧ୍ୟରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ୫ ଦିନ ମଧ୍ୟରେ ୬ ରୁ ୭ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ ପୂର୍ବ ଦିଗରୁ ପବନ ବହିବାର ସମ୍ଭାବନା ରହିଅଛି ।

| ତାରିଖ | 17-01-2024 | 18-01-2024 | 19-01-2024 | 20-01-2024 | 21-01-2024 |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 2 | 0 | 0 |
| ସର୍ବାଧିକ ତାପମାତ୍ରା (° ସେଣ୍ଟିଗ୍ରେଡ) | 31 | 31 | 30 | 30 | 29 |
| ସର୍ବନିମ୍ନ ତାପମାତ୍ରା (° ସେଣ୍ଟିଗ୍ରେଡ) | 17 | 16 | 16 | 17 | 15 |
| ସମ୍ପୂର୍ଣ୍ଣ ମେଘ ଆବରଣ(ଓକଟା) | 2 | 2 | 2 | 4 | 4 |
| ସର୍ବାଧିକ ଆପେକ୍ଷିକ ଆଦ୍ରତା (ଶତକଡା %) | 95 | 86 | 82 | 84 | 82 |
| ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ଶତକଡା %) | 33 | 30 | 44 | 31 | 27 |
| ପବନ ବେଗ (କିମି/ଘଣ୍ଟା ପ୍ରତି) | 6 | 7 | 7 | 6 | 6 |
| ପବନ ଦିଗ (ଡିଗ୍ରୀ) | 124 | 150 | 135 | 118 | 162 |

ଅଧିକ ଜାଣିବା ପାଇଁ , ଭାରତୀୟ ପାଣିପାଗ ବିଭାଗ , ଭୁବନେଶ୍ୱର, ଟେଲିଫୋନ # ୦୬୭୪-୨୫୯୬୧୧୬ ରେ ଯୋଗାଯୋଗ କରନ୍ତୁ

## ସାଧାରଣ ଉପଦେଶ

- ଭାରତ ପାଣିପାଗ ବିଜ୍ଞାନ ବିଭାଗର ବିସ୍ତାରିତ ପାଣିପାଗ ପୂର୍ବାନୁମାନ ଅନୁଯାଇ ଆଗାମୀ ୫ ଦିନ ପରବର୍ତୀ ସପ୍ତାହରେ (୨୧ ରୁ ୨୭ ଜାନୁଆରୀ, ୨୦୨୪) ଓଡିଶାରେ ବର୍ଷା ର ସ୍ଥିତି ସ୍ଵାଭାବିକ ରହିବା ସହିତ ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ମଧ ସ୍ଵାଭାବିକ ରହିବାର ସମ୍ଭାବନା ଅଛି ଏବଂ ଆସନ୍ତା ସପ୍ତାହର ପ୍ରଥମ ପର୍ଯ୍ୟାୟରେ ସ୍ବଳ୍ପ ବର୍ଷା ହେବାର ସମ୍ଭାବନା ଅଛି ତେଣୁ ଚାଷୀ ଭାଇମାନଙ୍କୁ କୌଣସି ପ୍ରକାରର ଔଷଧ ପ୍ରୟୋଗ କାର୍ଯ୍ୟ କିଛି ଦିନ ପାଇଁ ସ୍ଥଗିତ ରଖିବାକୁ ଏବଂ ବାହାରେ ସୁଖା ହୋଇଥିବା ଫସଲକୁ ସୁରକ୍ଷିତ ସ୍ଥାନରେ ରଖିବାର ପ୍ରବନ୍ଧ କରିବାକୁ ପରାମର୍ଶ ଦିଆଯାଇଅଛି ।
- ପୂର୍ବ ସପ୍ତାହରେ ପାଣିପାଗର (କୁହୁଡି ସହିତ ଥଣ୍ଡା ପାଗ) ଯେଉଁ ସ୍ଥିତି ଥିଲା ତାହା ଫଳ, ପନିପରିବା ଏବଂ ତେଲ ଜାତୀୟ ଫସଲରେ ଜଉ ପୋକ ଇତ୍ୟାଦୀର ସଂକ୍ରମଣ ପାଇଁ ଅନୁକୁଳ ଅଟେ ତେଣୁ ଚାଷୀ ଭାଇମାନଙ୍କୁ ନିଜ ଫସଲକୁ ଏହି ପ୍ରକାରର ପୋକର ପ୍ରକୋପରୁ ରକ୍ଷା କରିବା ପାଇଁ ତଥା ଏହାର ନିୟନ୍ତ୍ରଣ ପାଇଁ ଉଚିତ ପ୍ରବନ୍ଧ କରିବାକୁ ପରାମର୍ଶ ଦିଆଯାଇଅଛି । ଖରା ଦିନିଆ ପନିପରିବାର କୃଷି ପାଇଁ ଚାଷୀ ଭାଇମାନେ ନର୍ସରୀରେ ବିହନ ବୁଣିବା କାର୍ଯ୍ୟ ପ୍ରାରମ୍ଭ କରିଦିଅନ୍ତୁ ।

## ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ରବି ଧାନ | ନର୍ସରୀ | ବିହନ ବୁଣିବା ପୂର୍ବରୁ ତଳିକୁ କୀଟନାସକ ଔଷଧରେ ବିଶୋଧନ କରିବାକୁ ତଥା ତଳିରେ ବିହନ ବୁଣିବା ପୂର୍ବରୁ ବିହନକୁ ୨ ଗ୍ରାମ କାର୍ବେଣ୍ଡାଜିମ୍ (ବାଭିସ୍ଟିନ୍) ପ୍ରତି କିଲୋ ବିହନ ହିସାବରେ ବିଶୋଧନ କରିବାକୁ ପରାମର୍ଶ ଦିଆଯାଇଅଛି । ଆଗକୁ ସର୍ବନିମ୍ନ ତାପମାତ୍ରାରେ ହ୍ରାସ ଦେଖଯିବାର ସମ୍ଭାବନା ରହିଅଛି ତେଣୁ ବିହନକୁ ଥଣ୍ଡାର ପ୍ରକୋପରୁ ରକ୍ଷା କରିବା ପାଇଁ ବୁଣିସାରିଲା ପରେ ତଳି ଉପରେ ସୁଖିଲା ଗୋବରର ପତଳା ପରସ୍ତ ପ୍ରୟୋଗ କରିବାକୁ ଏବଂ ବର୍ଷା ନ ହେବା ସ୍ଥିତିରେ ହଲକା ପାଣି ସିଂଚନ କରିବାକୁ ପରାମର୍ଶ ଦିଆଯାଇଅଛି । |

| | | |
|---|---|---|
| ସୋରିଷ | ପୁଷ୍ପ ଅବସ୍ଥା | ପ୍ରଚଳିତ ପାଣିପାଗରେ ସୋରିଷ ଗଛରେ ଜଉପୋକ ଏବଂ କରତିଆ ମାଛି (Saw fly) ର ଆକ୍ରମଣ ଦେଖା ଯାଉଛି ତେଣୁ ଏହାର ନିୟନ୍ତ୍ରଣ ପାଇଁ ୦.୩ ମିଳି ଇମିଡାକ୍ଲୋରପ୍ରିଡ୍ କିମ୍ବା ୦.୩ ଗ୍ରାମ ଥାଇଓମିଥୋକ୍ସାମ୍ ଏବଂ କରତିଆ ମାଛିର ନିୟନ୍ତ୍ରଣ ପାଇଁ କ୍ଲୋରପ୍ରିଫସ୍ @ ୦.୫ ରୁ ୨ ମିଳି ପ୍ରତି ଲିଟର୍ ପାଣିରେ ମିଶାଇ ଶୁଖିଲା ପାଗକୁ ଦେଖି ବର୍ଷା ଛାଡ଼ିଲା ପରେ ସିଂଚନ କରିବାକୁ ପରାମର୍ଶ ଦିଆଯାଇଅଛି । |
| ଚିନାବାଦାମ | ବୁଣିବା/ ବନସ୍ପତି ବିକାସ | ପ୍ରତି କିଲୋ ଚିନାବାଦାମ ବିହନକୁ ୨-୨.୫ ଗ୍ରାମ କାର୍ବେଣ୍ଡାଜିମ୍ (ବାଭିସ୍ଟିନ୍) ରେ ବିହନ ବୁଣିବା ପୁର୍ବରୁ ଏବଂ ୨୦ କିଲୋ ରାଇଯୋବିଅମ୍ କଲଚରରେ ବୁଣିବା ସମୟରେ ବିଶୋଧନ କରନ୍ତୁ । ବିହନ ବୁଣିବାର ୧୫ ଦିନ ମଧ୍ୟରେ ଘାସମରା ଔଷଧ ଭାବରେ ୩ ମିଳି ଇମାଯେଥାପିରକୁ ପ୍ରତି ଲିଟର ପାଣିରେ ମିଶାଇ ପ୍ରୟୋଗ କରିପାରିବେ । |
| ବାଇଗଣ, ଟମାଟର୍ ଏବଂ ଆଳୁ | ପୁଷ୍ପ ଏବଂ ଫଳ ଅବସ୍ଥା | ଯଦି ଆଳୁ ଏବଂ ଟମାଟର ଗଛରେ ପତ୍ର ପୋଡ଼ା ରୋଗ (ବ୍ଲାଇଟ୍) ର ସଂକ୍ରମଣ ଦେଖା ଦିଏ ତାହେଲେ ଚାଷୀ ଭାଇମାନେ ଏହି ରୋଗର ନିୟନ୍ତ୍ରଣ ପାଇଁ ୨.୫ ଗ୍ରାମ ମେଟାଲାକସିଲ ଏବଂ ମାଂକୋଜେବ ର ମିଶ୍ରଣକୁ ପ୍ରତି ଲିଟର୍ ପାଣିରେ ମିଶାଇ ଶୁଷ୍କ ପାଗକୁ ଦେଖି ଗଛରେ ପ୍ରୟୋଗ କରନ୍ତୁ । ପନିପରିବା ଗଛକୁ ଅଧିକ ଥଣ୍ଡାରୁ ରକ୍ଷା କରିବା ପାଇଁ ସେଥିରେ ନିୟମିତ ଅଳ୍ପ-ଅଳ୍ପ ଜଳ ସିଂଚନ କରି ମାଟିର ତାପମାତ୍ରାକୁ ନିୟନ୍ତ୍ରିତ ରଖିବାକୁ ପରାମର୍ଶ ଦିଆଯାଇଅଛି । ଯଦି ବାଇଗଣ ଏବଂ ଟମାଟର ଗଛରେ ପତ୍ରଖିଆ ସମ୍ବାଳୁଆ ଏବଂ କାଣ୍ଡ ଓ ଫଳବିନ୍ଧା ପୋକର ଆକ୍ରମଣ ଦେଖାଯାଏ ତାହେଲେ ୦.୪ ଗ୍ରାମ ଇମାମେକଟିନ୍ ବେନଯୋଏଟ୍କୁ ପ୍ରତି ଲିଟର ପାଣିରେ ମିଶାଇ ଦୁଇ ଦିନ ପରେ ଶୁଷ୍କ ପାଗକୁ ଦେଖି ଗଛରେ ପ୍ରୟୋଗ କରନ୍ତୁ । |
| କୋବି ଜାତୀୟ ପରିବା | ଫଳ ଅବସ୍ଥା | କୋବି ଜାତୀୟ ପରିବା ଯେପରିକି ଫୁଲ କୋବି, ବନ୍ଧା କୋବି ଇତ୍ୟାଦିରେ ଥିକିରିଆ ପୋକର ଆକ୍ରମଣ ଦେଖା ଗଲେ ଏହାର ନିୟନ୍ତ୍ରଣ ପାଇଁ ସ୍ପିନୋସେଡ୍ ୪୫ ଏସ୍.ସି. @ ୦.୫ ମିଳି କିମ୍ବା ଫିପ୍ରୋନିଲ୍ ୫% ଏସ୍.ସି. @ ୨ ମିଳି କୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗକୁ ଦେଖି ଖେତରେ ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଇଅଛି । |
| ପଶୁପାଳନ | ଆସନ୍ତା ଦିନଗୁଡାକରେ ସର୍ବନିମ୍ନ ତାପମାତ୍ରାରେ ହ୍ରାସ ଦେଖାଯିବାର ସମ୍ଭାବନାକୁ ଦେଖି ପଶୁମାନଙ୍କୁ ପର୍ଯ୍ୟାପ୍ତ ତାଜା ପରିଷ୍କାର ପାଣି ସହିତ ଖନିଜ ଲବଣ, ଗୁଡ଼ ଇତ୍ୟାଦି ଯୋଗାଇବା ଏବଂ ସେମାନଙ୍କୁ ଥଣ୍ଡାରୁ ରକ୍ଷା କରିବା ପାଇଁ ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି (ଯେପରିକି ଅଖା ବସ୍ତାରେ ପଶୁମାନଙ୍କୁ ତଥା ଗୁହାଳକୁ ଘୋଡ଼େଇବା ଏବଂ ଗୁହାଳରେ ତଳେ ପୁଆଳ ବିଛାଇବା ଇତ୍ୟାଦି)। ଗୁହାଳକୁ ସଫା ଏବଂ ଶୁଖିଲା ରଖନ୍ତୁ ଯାହାଦ୍ୱାରା ପଶୁମାନେ ରୋଗ ଓ ପୋକ ଜୋକ ରୁ ସୁରକ୍ଷିତ ରହିବେ। | |
| କୁକୁଡ଼ା | କୁକୁଡ଼ା ଫାର୍ମରେ କୁକୁଡ଼ା ଚିଆଁକୁ ଶୀତ ଦାଉରୁ ରକ୍ଷା କରିବା ପାଇଁ କୃତ୍ରିମ ଆଲୋକୀକରଣର ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି। | |



| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR & Nodal Officer**<br>**RRTTS, Chiplima** |



କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।

**ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ଉଭୟ ଇଂରାଜୀ ଏବଂ ଓଡ଼ିଆ ଭାଷାରେ ମେଘଦୂତ ମୋବାଇଲ ଆପ ରେ ଉପଲବ୍ଧ ଅଛି ଏବଂ ତଳେ ଦିଆଯାଇଥିବା ଲିଙ୍କ ରେ ଏହି ଆପଟିକୁ ଡାଉନଲୋଡ କରିପାରିବେ।**
(https://play.gooogle.com/store/apps/details?id=com.aas.meghdoot)

**କୃଷକ ଭାଇମାନେ ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ କୁ ଅନୁସରଣ କରନ୍ତୁ ଏବଂ ତଳେ ଦିଆଯାଇଥିବା ଲିଙ୍କ ରେ ଏହି ଆପଟିକୁ ଡାଉନଲୋଡ କରିପାରିବେ।** (https://play.google.com/store/apps/details?id=com.lightening.live.damini)